
# ସତ୍ୟପ୍ରକାଶ

# THE WORD OF TRUTH



MARCH & APRIL - 2009

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.14 Mar & April...2009 (No.3&4)

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on **RadioSrilanka**
Every Sunday at 6:45 a.m.

••••••••••••••••••••••••••••••••••••••••••••••

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XIV KAKINADA MAR-APR-2009


## ଆଧୁନିକ ଫାରୁଶୀ ଓ ସାଦ୍ଦୂକୀ

### (The New Phariseees and Sadducee)

ଯୀଶୁଖ୍ରୀଷ୍ଟ ମୋଶାଙ୍କ ବ୍ୟବସ୍ଥା ପ୍ରଚଳନରେ ଥିବା ସମୟରେ ଜନ୍ମି, ଜୀବନଯାପନ କରି, ସେହି ବ୍ୟବସ୍ଥାର ସମୟରେ ମୃତ୍ୟୁ ଭୋଗିଥିଲେ । ସେ ମୋଶାଙ୍କ ବ୍ୟବସ୍ଥା ଲୋପ ନ କରି, ବରଂ ପାଳନ କରିବାକୁ ଏହି ଜଗତକୁ ଆସିଥିଲେ । (ମାଥିଉ ୫:୧୭-୧୮) । ଶରୀରଧାରୀ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ମୋଶାଙ୍କ ବ୍ୟବସ୍ଥା ସୂକ୍ଷ୍ମରୂପେ ପାଳନ କରୁଥିଲେ । କିନ୍ତୁ ତାହାଙ୍କ ସମୟରେ ଯିହୁଦୀମାନେ ଫାରୁଶୀ ଓ ସାଦ୍ଦୂକୀ ନାମରେ ଦୁଇଭାଗରେ ବିଭକ୍ତ ହୋଇଥିଲେ । ଫାରୁଶୀମାନେ ରୀତିନୀତିରେ ଆବଦ୍ଧ, ତଥା ପୁନରୁଥାନ ଓ ଦୂତମାନଙ୍କ ଠାରେ ବିଶ୍ୱାସ କରୁଥିଲେ । କିନ୍ତୁ ସାଦ୍ଦୂକୀମାନଙ୍କ ଏପରି କୌଣସି ବିଷୟ ଉପରେ ବିଶ୍ୱାସ ନଥିଲା । ଫାରୁଶୀ ଓ ସାଦ୍ଦୂକୀମାନେ ମୋଶାଙ୍କ ବ୍ୟବସ୍ଥାରେ ଅନେକ ପ୍ରଥା, ନୀତି ନିୟମ ଯୋଗ ଓ ବିୟୋଗ କରି ଈଶ୍ୱରଙ୍କ ବାକ୍ୟ ବିକୃତ କରିଥିଲେ । ତେଣୁକରି ଯୀଶୁଖ୍ରୀଷ୍ଟ ସେମାନଙ୍କ ଆଚାର ବ୍ୟବହାର ଓ ସେମାନଙ୍କ ଶିକ୍ଷାକୁ ନିନ୍ଦା କରୁଥିଲେ ।

ଯୀଶୁଖ୍ରୀଷ୍ଟ ଓ ଏହି ବର୍ଗ ଲୋକମାନଙ୍କ ମଧ୍ୟରେ ଘଟିଥିବା କେତୋଟି ଘଟଣାବଳୀ ଆମ୍ଭେମାନେ ବାଇବଲରେ ପଢ଼ିଥାଉଁ । "ସେ କଥା କହିବା ସମୟରେ ଜଣେ ଫାରୁଶୀ ତାହାଙ୍କୁ ଦିନବେଳେ ଆପଣା ଗୃହରେ ପ୍ରବେଶ କରି ଭୋଜନରେ ବସିଲେ । କିନ୍ତୁ ଭୋଜନ କରିବା ପୂର୍ବେ ସେ ଯେ ପ୍ରଥମେ ସ୍ନାନ କରି ନ ଥିଲେ । ଏହା ଦେଖି ସେହି ଫାରୁଶୀ ଚମତ୍କୃତ ହେଲେ । ସେଥିରେ ପ୍ରଭୁ ତାଙ୍କୁ କହିଲେ, ତୁମ୍ଭେ ଫାରୁଶୀଯାକ ସିନା ଗିନା ଥାଳିର ବାହାର ପରିଷ୍କାର କରୁଥାଅ, ମାତ୍ର ତୁମ୍ଭମାନଙ୍କ ଭିତର ଲୁଣ୍ଠନ କର୍ମ ଓ ଦୁଷ୍ଟତାରେ ପରିପୂର୍ଣ୍ଣ । ହେ ନିର୍ବୋଧମାନେ, ଯେ ବାହାର

ସୃଷ୍ଟି କଲେ, ସେ କି ଭିତର ମଧ୍ୟ ସୃଷ୍ଟି କଲେ ନାହିଁ ? ବରଂ ଭିତରେ ଯାହା ଯାହା ଅଛି, ସେ ସବୁ ଦାନ କର, ଆଉ ଦେଖ, ତୁମ୍ଭମାନଙ୍କ ପକ୍ଷରେ ସମସ୍ତ ପରିଷ୍କୃତ । କିନ୍ତୁ ହାୟ ! ଦଣ୍ଡର ପାତ୍ର ଫାରୁଶୀମାନେ କାରଣ ତୁମ୍ଭେମାନେ ସମାଜ ଗୃହର ପ୍ରଧାନ ଆସନ ଓ ହାଟ ବଜାରରେ ନମସ୍କାର ପାଇବାକୁ ଭଲ ପାଅ । ହାୟ ! ତୁମ୍ଭେମାନେ ଦଣ୍ଡର ପାତ୍ର, କାରଣ ତୁମ୍ଭେମାନେ ଅଦୃଶ୍ୟ ସମାଧି ତୁଲ୍ୟ, ତାହା ଉପରେ ଯାତାୟତକାରୀ ଲୋକମାନେ ତାହା ସମାଧି ବୋଲି ଜାଣନ୍ତି ନାହିଁ ।'' (ଲୂକ ୧୧:୩୭-୪୪) ।

ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ସତର୍କ କରି କହିଲେ, ''ସତର୍କ ହୁଅ, ଫାରୁଶୀ ଓ ସାଦ୍ଦୂକୀମାନଙ୍କ ଖମୀର ଠାରୁ ସାବଧାନ ହୋଇଥାଅ ।'' (ମାଥିଉ ୧୬:୬) । ସେମାନଙ୍କ କପଟପଣକୁ ନିନ୍ଦା କରି କହନ୍ତି, ''ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ମନୁଷ୍ୟମାନଙ୍କ ସମ୍ମୁଖରେ ସ୍ୱର୍ଗରାଜ୍ୟ ରୁଦ୍ଧ କରୁଥାଅ । ତୁମ୍ଭେମାନେ ତ ନିଜେ ପ୍ରବେଶ କରୁନାହଁ, ପୁଣି ପ୍ରବେଶ କରିବାକୁ ଇଚ୍ଛୁକ ଲୋକମାନଙ୍କୁ ସୁଦ୍ଧା ପ୍ରବେଶ କରାଇ ଦେଉନାହଁ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ଛଳରେ ଦୀର୍ଘ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ବିଧବାମାନଙ୍କର ଗୃହ ସବୁ ଗ୍ରାସ କରୁଥାଅ, ଏଣୁ ତୁମ୍ଭେମାନେ ଗୁରୁତର ଦଣ୍ଡ ପାଇବ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ଜଣକୁ ତୁମ୍ଭମାନଙ୍କ ଧର୍ମାବଲମ୍ବୀ କରିବା ପାଇଁ ଜଳସ୍ଥଳ ଭ୍ରମଣ କରୁଥାଅ, ପୁଣି ଯେତେବେଳେ ସେ ତାହାକୁ ହୁଏ ତୁମ୍ଭମାନଙ୍କ ଅପେକ୍ଷା ଦୁଇଗୁଣ ନରକପାତ୍ର କରୁଥାଅ ।'' (ମାଥିଉ ୨୩:୧୩-୧୫) । ପୁନର୍ବାର ଯୀଶୁ କହନ୍ତି, ''ରେ ଅନ୍ଧର ପଥ ପ୍ରଦର୍ଶକମାନେ, ତୁମ୍ଭେମାନେ ମଶାକୁ ଛାଣୁଥାଅ, କିନ୍ତୁ ଓଟକୁ ଗିଳୁଥାଅ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ଗିନା ଓ ଥାଳିର ବାହାର ପରିଷ୍କାର କରୁଥାଅ, ମାତ୍ର ଭିତରେ ସେଗୁଡ଼ାକ ଲୁଣ୍ଠନକର୍ମ ଓ ଇନ୍ଦ୍ରିୟ ସେବାରେ ପରିପୂର୍ଣ୍ଣ । ହେ ଅନ୍ଧ ଫାରୁଶୀ, ଆଗେ ଗିନାର ଭିତର ପରିଷ୍କାର କର, ଯେପରି ସେଥିର ବାହାର ମଧ୍ୟ ପରିଷ୍କୃତ ହେବ । ହାୟ ! ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୁଶୀମାନେ, କାରଣ ତୁମ୍ଭେମାନେ ଶୁକ୍ଳୀକୃତ ସମାଧି ସ୍ୱରୂପ । ତାହା ବାହାରେ ସୁନ୍ଦର ଦେଖାଯାଏ, କିନ୍ତୁ ଭିତରେ ମୃତମାନଙ୍କ ଅସ୍ଥି ଓ ସର୍ବ ପ୍ରକାର ଅଶୁଚିତାରେ ପରିପୂର୍ଣ୍ଣ । ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ବାହାରେ ଲୋକଙ୍କ

ଦୃଷ୍ଟିରେ ଧାର୍ମିକ ଦେଖାଯାଅ, କିନ୍ତୁ ଭିତରେ କପଟ ଓ ଅଧର୍ମରେ ପରିପୂର୍ଣ୍ଣ । ହାୟ, ଦଣ୍ଡର ପାତ୍ର କପଟୀ ଶାସ୍ତ୍ରୀ ଓ ଫାରୂଶୀମାନେ, କାରଣ ତୁମ୍ଭେମାନେ ଭାବବାଦୀମାନଙ୍କର ସମାଧି ନିର୍ମାଣ କରି ଓ ଧାର୍ମିକମାନଙ୍କ ସମାଧି ସ୍ତମ୍ଭ ସୁଶୋଭିତ କରି କହୁଥାଅ । ଆମ୍ଭେମାନେ ଯେବେ ଆମ୍ଭମାନଙ୍କର ପିତୃପୁରୁଷଙ୍କ ସହଭାଗୀ ଥାଆନ୍ତୁ, ତେବେ ଭାବବାଦୀମାନଙ୍କ ରକ୍ତପାତରେ ସେମାନଙ୍କ ସହଭାଗୀ ହୋଇ ନ ଥାନ୍ତୁ । ଏଣୁ ତୁମ୍ଭେମାନେ ଯେ ଭାବବାଦୀମାନଙ୍କ ହତ୍ୟାକାରୀମାନଙ୍କର ସନ୍ତାନ ଅଟ, ସେ ସମ୍ବନ୍ଧରେ ତୁମ୍ଭେମାନେ ହିଁ ଆପଣା ଆପଣା ବିଷୟରେ ସାକ୍ଷ୍ୟ ଦେଉଅଛ । ତୁମ୍ଭେମାନେ ନିଜ ନିଜ ପିତୃପୁରୁଷଙ୍କର ପରିମାଣ ପୂର୍ଣ୍ଣ କର । ଆରେ ସର୍ପଗୁଡ଼ାକ, ଆରେ କାଳସର୍ପର ବଂଶ, ତୁମ୍ଭେମାନେ କି ପ୍ରକାରେ ନରକ ଦଣ୍ଡରୁ ରକ୍ଷା ପାଇବ ?'' (ମାଥିଉ ୨୩:୨୪-୩୩) । ଏହିସବୁ କାରଣ ଯୋଗୁଁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ସତର୍କ କରି କହନ୍ତି, ''ତୁମ୍ଭମାନଙ୍କ ଧାର୍ମିକତା ଶାସ୍ତ୍ରୀ ଓ ଫାରୁଶୀମାନଙ୍କ ଧାର୍ମିକତା ଅପେକ୍ଷା ଅଧିକ ବେଶୀ ନହେଲେ ତୁମ୍ଭେମାନେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।'' (ମାଥିଉ ୫:୨୦)

ଯଦିଓ ଫାରୁଶୀ ଓ ସାଦ୍ଦୂକୀମାନେ ପରସ୍ପର ବିପକ୍ଷ ଦଳ ଥିଲେ, ଯୀଶୁଙ୍କୁ ଏକତ୍ର ମିଳି ବିରୋଧ କରୁଥିଲେ ବୋଲି ମାଥିଉ ୧୬:୧ ପଦରୁ ଜାଣିପାରୁ । ଅନ୍ୟ ଏକ ସମୟରେ ''ଫାରୁଶୀମାନେ ବାହାରି ଯାଇ ତାହାଙ୍କୁ ବିନାଶ କରିବା ନିମନ୍ତେ ତାହାଙ୍କ ବିରୁଦ୍ଧରେ ସେହିକ୍ଷଣି ହେରୋଦୀୟମାନଙ୍କ ସହିତ ମନ୍ତ୍ରଣା କରିବାକୁ ଲାଗିଲେ ।'' (ମାର୍କ ୩:୬) ସେ ସାଦ୍ଦୂକୀମାନଙ୍କୁ ନିରୁତ୍ତର କରିଅଛନ୍ତି ଏହା ଶୁଣି, ଫାରୁଶୀମାନେ ଏକତ୍ର ହେଲେ, ଆଉ ସେମାନଙ୍କ ମଧ୍ୟରୁ ଜଣେ ବ୍ୟବସ୍ଥା ଶାସ୍ତ୍ରଜ୍ଞ ତାହାଙ୍କୁ ପରୀକ୍ଷା କରି ପଚାରିଲେ, ହେ ଗୁରୁ, ବ୍ୟବସ୍ଥା ମଧ୍ୟରେ କି ପ୍ରକାର ଆଜ୍ଞା ଶ୍ରେଷ୍ଠ ?'' (ମାଥିଉ ୨୨:୩୪-୩୬) । ସେମାନଙ୍କ ନିରନ୍ତର ଚେଷ୍ଟା ଓ ଯୀଶୁଙ୍କ ଜଣେ ଶିଷ୍ୟ (ଇସ୍କାରିଓ୍ୱ ଯିହୂଦା) ହେତୁ ଯୀଶୁ ବନ୍ଦୀ ହୋଇ ପ୍ରଧାନ ଯାଜକ ପାଖକୁ ଅଣାଗଲେ । ଲେଖାଯାଏ, ''ପ୍ରଭାତ ହୁଅନ୍ତେ ସମସ୍ତ ପ୍ରଧାନଯାଜକ, ପୁଣି ଲୋକମାନଙ୍କର ପ୍ରାଚୀନ ବର୍ଗ ଯୀଶୁଙ୍କୁ ବଧ କରିବା ନିମନ୍ତେ ତାହାଙ୍କ ବିଷୟରେ ମନ୍ତ୍ରଣା କଲେ । ଆଉ ସେମାନେ ତାହାଙ୍କୁ ଘେନିଯାଇ ପୀଲାତ ନାମକ ଶାସନକର୍ତ୍ତାଙ୍କ ହସ୍ତରେ ସମର୍ପଣ କଲେ ।'' (ମାଥିଉ ୨୭:୧-୨) । ତତ୍ପରେ ଯୀଶୁ ପିଲାତଙ୍କ ଦରବାରେ କଷ୍ଟ ଭାବେ ବିଚାରିତ ହୋଇ କ୍ରୁଶାର୍ପିତ ହେଲେ । ଅକ୍ଷୟ, ଅମର

ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ମରଣଜୟୀ ଯୁଗେ ଯୁଗେ ଜୀବିତ ଅଟନ୍ତି । କିନ୍ତୁ ବିରୋଧି ଦଳର ନେତାମାନେ ଯୀଶୁଖ୍ରୀଷ୍ଟଙ୍କ ଶରୀର ତାହାଙ୍କ ଶିଷ୍ୟମାନେ ଚୋରୀ କରି ନେଇଗଲେ ବୋଲି ମିଥ୍ୟା ପ୍ରଚାର କରିବା ନିମନ୍ତେ ସୈନ୍ୟମାନଙ୍କୁ ବହୁତ ଟଙ୍କା ଲାଞ୍ଚ ଦେଇଥିଲେ ବୋଲି ମାଥିଉ ୨୮:୧୨-୧୩ ପଦଗୁଡ଼ିକରେ ପଢ଼ିପାରୁ ।

ଫାରୁଶୀ, ସାଦୂକୀ ତଥା ଅନ୍ୟାନ୍ୟ ଧାର୍ମିକ ନେତାମାନଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ କ୍ରୁଶାର୍ପିତ ହୋଇଥିଲେ । ଆଧୁନିକ ଯୁଗରେ ଯେଉଁମାନେ ଈଶ୍ୱର ଦତ୍ତ ସିଦ୍ଧାନ୍ତଗୁଡ଼ିକ ଅନୁସରଣ ନକରି, ଆପଣା ଆପଣା ସିଦ୍ଧାନ୍ତ ଦ୍ୱାରା ଖ୍ରୀଷ୍ଟଙ୍କ ବାକ୍ୟକୁ କଳୁଷିତ କରୁଛନ୍ତି । ସେମାନେ ସେ କାଳର ଫାରୁଶୀ ଓ ସାଦୂକୀ ସଦୃଶ୍ୟ ଅଟନ୍ତି । ଏପରି ଲୋକେ ସତ୍ୟ ବାକ୍ୟର ତଥା ସତ୍ୟ ବାକ୍ୟ ପ୍ରଚାର କରୁଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀର ବିରୋଧୀ ଅଟନ୍ତି । ଈଶ୍ୱର ଦତ୍ତ ବାକ୍ୟରେ ଆପଣା ସିଦ୍ଧାନ୍ତ ଯୋଗ ବିୟୋଗ କରି ତାହାଙ୍କ ବାକ୍ୟ ବିକୃତ କରି ଈଶ୍ୱରଙ୍କ ବିରୋଧୀ ନ ହେବାକୁ ଆମ୍ଭେମାନେ ଆପଣା ଆପଣାକୁ ସତର୍କ କରୁ । ନଚେତ୍ ଆମ୍ଭେମାନେ "ଆଧୁନିକ ଫାରୁଶୀ ଓ ସାଦୂକୀ" ରୂପେ ଈଶ୍ୱରଙ୍କ ଦ୍ୱାରା ଗଣିତ ହେବୁ ।

*- J.C. Choate*

❋❋❋

# ବିଶ୍ୱସ୍ତା ସ୍ତ୍ରୀ – ଲୁଦିଆ
## (A Faithful Lady - Lydia)

ମାକିଦିନିଆ ଅଞ୍ଚଳର ଏକ ପ୍ରଧାନ ନଗର ଫିଲିପ୍ପୀବାସୀ ଲୂଦିଆଙ୍କ ବିଷୟରେ ଆମ୍ଭେମାନେ ପ୍ରେରିତ ୧୬:୧୨-୧୫ ଓ ୪୦ ପଦରେ ପଢ଼ିପାରୁ । ଫିଲିପପ୍ ଏକ ବନ୍ଦର ସହର ଥିଲା ଓ ରୋମୀୟ ସାମ୍ରାଜ୍ୟର ଉପନିବେଶ ଥିଲା । ନଦୀକୂଳରେ ଥିବା ପ୍ରାର୍ଥନା ସ୍ଥଳରେ ବିଶ୍ରାମବାରରେ କେତେକ ମହିଳାମାନେ ସମବେତ ହେଉଥିଲେ । ସେମାନଙ୍କ ମଧ୍ୟରେ ଲୁଦିଆ ନାମ୍ନୀ ମହିଳା ପାଉଲଙ୍କ କଥିତ ବିଷୟ ସବୁ ଉତ୍ସୁକ ଭାବେ ଶୁଣୁଥିଲେ । ସେ ଥୁୟାଥୀରା ନଗରର ବାଇଗଣିଆ ବସ୍ତ୍ର ବିକ୍ରୟକାରିଣୀ ଥିଲେ । ଅର୍ଥାତ୍ ସେ ଜଣେ ବହୁମୂଲ୍ୟ ବସ୍ତ୍ରର ବ୍ୟବସାୟୀ ଏକ ଧନୀ ସ୍ତ୍ରୀ ଥିଲେ । ଯଦିଓ ସେ ଏକ ସମ୍ଭ୍ରାନ୍ତ ମହିଳା ଥିଲେ, ବିଶ୍ରାମବାରର ପ୍ରାର୍ଥନାସ୍ଥଳକୁ

ଆସି ଈଶ୍ୱରଙ୍କ ପ୍ରାର୍ଥନା କରିବାରେ କିଅବା ସହରରୁ ନଦୀକୂଳକୁ ଆସିବାରେ ସେ ଅବହେଳିତ ନଥିଲେ ।

ବାକ୍ୟ ତାହାଙ୍କୁ ଏକ 'ଈଶ୍ୱର ଭକ୍ତ' ସ୍ତ୍ରୀ ରୂପେ ବର୍ଣ୍ଣନା କରେ । ଈଶ୍ୱର ଭକ୍ତ ଅର୍ଥାତ୍ ଯେଉଁମାନେ ଈଶ୍ୱରଙ୍କୁ ଭୟ କରନ୍ତି । ତାହାଙ୍କ ଆଜ୍ଞାସକଳ ପାଳନ କରନ୍ତି । ପ୍ରାର୍ଥନାରେ ନିବିଷ୍ଟ ରହନ୍ତି । ଆଦ୍ୟରେ ହେବଲ ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ବଳି ଅର୍ପଣ କରି ତାହାଙ୍କ ସନ୍ତୋଷ ପାତ୍ର ହୋଇଥିଲେ । ହନୋକ ପରମେଶ୍ୱରଙ୍କ ସହିତ ଗମନାଗମନ କଲେ ଓ ସେ ଅନ୍ତର୍ହିତ ହେଲେ, ଯେହେତୁ ପରମେଶ୍ୱର ତାଙ୍କୁ ଗ୍ରହଣ କଲେ । ଈଶ୍ୱରଭକ୍ତ ନୋହ ସଦାପ୍ରଭୁଙ୍କ ଦୃଷ୍ଟିରେ ଅନୁଗ୍ରହ ପ୍ରାପ୍ତ ହୋଇ, ସେ ଓ ତାହାଙ୍କ ପରିବାର ମହାବନ୍ୟାରୁ ରକ୍ଷା ପାଇଥିଲେ । ଈଶ୍ୱର ଭକ୍ତ ଅବ୍ରାହମଙ୍କୁ ସଦାପ୍ରଭୁ ବହୁଳଭାବେ ଆଶୀର୍ବାଦ କରି, ଅନେକ ଗୋଷ୍ଠୀର ଆଦିପିତା କରିଥିଲେ । ସେ ପରମେଶ୍ୱରଙ୍କ ଆଜ୍ଞାନୁଯାୟୀ ଆପଣା ଦେଶ, ବନ୍ଧୁମିତ୍ର, ଭୂମିବାଡ଼ି ପରିତ୍ୟାଗ କରି ସଦାପ୍ରଭୁ ଦେଖାଇଥିବା ପ୍ରତିଜ୍ଞା ଦେଶକୁ ଆସିଥିଲେ । ଇସ୍ରାଏଲର ନେତା ମୋଶା ଏକ ନମ୍ରଶୀଳ ବ୍ୟକ୍ତି ଥିଲେ । ତାହାଙ୍କ ଈଶ୍ୱରପରାୟଣତା ଧର୍ମପୁସ୍ତକର ଅନେକ ପୃଷ୍ଠାରେ ପଢ଼ିପାରୁ । ମିସର ଦେଶରୁ ବାହାରି ଆସିଥିବା ଛଅଲକ୍ଷ ମହାଯୋଦ୍ଧାରୁ, ଈଶ୍ୱର ଭକ୍ତ ଯିହୋଶୂୟ ଓ କାଲେବ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିଥିଲେ । ସଦାପ୍ରଭୁଙ୍କ ଦୟା ଅନନ୍ତକାଳ ନିମନ୍ତେ ସ୍ଥାପିତ କରିଅଛନ୍ତି । ସିଦ୍ଧ, ସରଳ ଓ ପରମେଶ୍ୱରଙ୍କ ଭୟକାରୀ ଆୟୁବଙ୍କୁ ସଦାପ୍ରଭୁ ବହୁଳ ଭାବେ ଆଶୀର୍ବାଦ କରିଥିଲେ ।

ଲୂକ ୧:୬ ପଦରେ ଜିଖରିୟ ଓ ତାହାଙ୍କ ଭାର୍ଯ୍ୟା ଏଲିଜାବେଥ ବିଷୟରେ ଲେଖାଯାଏ,"ସେମାନେ ଉଭୟେ ପ୍ରଭୁଙ୍କର ସମସ୍ତ ଆଜ୍ଞା ଓ ବିଧି ଅନୁସାରେ ନିର୍ଦ୍ଦେଶରୂପେ ଆଚରଣ କରି ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ଥିଲେ ।" ଈଶ୍ୱର ଭକ୍ତ ଓ ଅନୁଗ୍ରହ ପାତ୍ରୀ ମରିୟମ ଗର୍ଭରୁ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ଶିମୋୟନ ନାମକ ଧାର୍ମିକ ଓ ଭକ୍ତଙ୍କ ବିଷୟରେ ଆମ୍ଭେମାନେ ଲୂକ ୨:୨୫ ରୁ ୩୨ ପଦରେ ପଢ଼ିପାରୁ । ଈଶ୍ୱର ଭକ୍ତ ଭାବବାଦିନୀ ହାନ୍ନା, ଚଉରାଅଶୀ ବର୍ଷ ପର୍ଯ୍ୟନ୍ତ ବିଧବା ହୋଇ ରହି ମନ୍ଦିର ପରିତ୍ୟାଗ ନ କରି ଉପବାସ ଓ ନିବେଦନ ସହ ଦିବାରାତ୍ର ଉପାସନା କରୁଥିଲେ । (ଲୂକ ୧:୩୬-୩୮) । ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ଅନେକ ଈଶ୍ୱର ଭକ୍ତ ସ୍ତ୍ରୀମାନଙ୍କ ବିଷୟରେ ପଢ଼ିଥାଉଁ । ସେମାନଙ୍କ ମଧ୍ୟରେ ଟାବୀଥା (ଦର୍କା) ଯେ କି ନାନା ସତ୍‌କର୍ମ ଓ ଦାନକ୍ରିୟାରେ ପୂର୍ଣ୍ଣ ଥିଲେ ।

(୯:୩୬-୪୩) । ପ୍ରିସ୍କିଲା ବାକ୍ୟ ସୂକ୍ଷ୍ମ ଭାବେ ଜାଣି, ଆପୋଲ ପରି ବିଦ୍ୱାନକୁ ଶିକ୍ଷା ଦେଇ ପାରିଥିଲେ ।

ଈଶ୍ୱର ଭକ୍ତା ଲୂଦିଆ ପାଉଲଙ୍କ ବାକ୍ୟ ଶୁଣୁଥିଲେ । "ସେ ଯେପରି ପାଉଲଙ୍କର କଥିତ ବିଷୟ ପ୍ରତି ମନୋଯୋଗ କରନ୍ତି, ଏଥି ନିମନ୍ତେ ପ୍ରଭୁ ତାଙ୍କର ହୃଦୟ ଫିଟାଇଦେଲେ ।" (ପ୍ରେରିତ ୧୬:୧୪ଖ) । ସେ ଯେଉଁ ବାକ୍ୟ ଶୁଣିଥିଲେ, ତାହା ମନୋଯୋଗ କରି ଆଜ୍ଞାବହ ହେଲେ । ଈଶ୍ୱରଙ୍କ ବାକ୍ୟ ରୂପବୀଜ ବୁଣା ହେବା ସମୟରେ ଅନେକ ମନଯୋଗ କରନ୍ତି ନାହିଁ । ଯୀଶୁ ବିହନ ବୁଣାଳୀ ଦୃଷ୍ଟାନ୍ତରେ କହିଲେ, ଯେଉଁମାନେ ବାକ୍ୟ ଶୁଣି ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କ ହୃଦୟରୁ ବାକ୍ୟ ଶୟତାନ ହରଣ କରିନିଏ । ବାକ୍ୟ ଶୁଣି ଆନନ୍ଦରେ ଗ୍ରହଣ କରନ୍ତି, କିନ୍ତୁ ଚେର ନଥିବାରୁ ସେମାନେ ଅଳ୍ପ ସମୟ ବିଶ୍ୱାସ କରି, ପରୀକ୍ଷା ସମୟରେ ଧର୍ମତ୍ୟାଗୀ ହୁଅନ୍ତି । ତୃତୀୟ ବର୍ଗର ଲୋକେ ବାକ୍ୟ ଶୁଣନ୍ତି, ଗ୍ରହଣ କରନ୍ତି କିନ୍ତୁ ସାଂସାରିକ ଚିନ୍ତା, ଧନ ଓ ସୁଖଭୋଗର ବଶବର୍ତ୍ତୀ ହୋଇ ପରିପକ୍ୱ ଫଳ ଉତ୍ପନ୍ନ କରନ୍ତି ନାହିଁ । କିନ୍ତୁ ଯେଉଁମାନେ ସରଳ ହୃଦୟରେ ବାକ୍ୟ ଶୁଣି ତାହା ଧରି ରଖନ୍ତି ଓ ଧୈର୍ଯ୍ୟ ସହକାରେ ଫଳ ଫଳନ୍ତି ସୋମନେ ଧନ୍ୟ ହୁଅନ୍ତି । (ଲୂକ ୮:୪-୧୫) ।

ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ଆମ୍ଭେମାନେ ପ୍ରଥମେ ପରମେଶ୍ୱରଙ୍କ ବାକ୍ୟ ଶୁଣିବା ଆବଶ୍ୟକ । ଅନେକ ସମୟରେ ମନୁଷ୍ୟମାନେ ଶୁଣୁ ଶୁଣନ୍ତି ନାହିଁ, କି ବୁଝନ୍ତି ନାହିଁ । ହୃଦୟ କଠିନ୍ କରି ପରମେଶ୍ୱରଙ୍କ ଆଶୀଷରୁ ଆପଣାକୁ ଦୂରରେ ରଖନ୍ତି । "ଅତଏବ ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ" (ରୋମୀୟ ୧୦:୧୭) । ".....ଯେଉଁମାନେ ଏହି ଭାବବାଣୀ ଶ୍ରବଣ କରନ୍ତି, ପୁଣି ସେଥିରେ ଲିଖିତ ବିଷୟ ସବୁ ପାଳନ କରନ୍ତି, ସେମାନେ ଧନ୍ୟ, କାରଣ ସମୟ ସନ୍ନିକଟ ।" (ପ୍ରକାଶିତ ୧:୩) ।

ଆସକ୍ତି ସହ ପ୍ରଭୁଙ୍କ ବାକ୍ୟ ଶ୍ରବଣ କଲେ, ପ୍ରଭୁ ଆମ୍ଭମାନଙ୍କ ହୃଦୟ ଫିଟାଇ ଦିଅନ୍ତି । ଲୂଦିଆ ଓ ତାହାଙ୍କ ପରିବାର ଈଶ୍ୱରଙ୍କ ବାକ୍ୟ ଶୁଣି, ବିଶ୍ୱାସ କରି, ମନ ପରିବର୍ତ୍ତନ କରିଥିଲେ । ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ଗ୍ରହଣ କରି ସପରିବାରେ ବାପ୍ତିଜିତ ହୋଇଥିଲେ । (ପ୍ରେରିତ ୧୬:୧୫) । ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ୧୧ଟି ପରିବର୍ତ୍ତନର ଘଟଣା ଲିଖିତ ହୋଇଅଛି । ସେମାନଙ୍କ ମଧ୍ୟରୁ ଲୂଦିଆ, କ୍ରୀଷ୍ପ, କର୍ଣ୍ଣଲୀୟ ଓ ଫିଲିପ୍ପ କାରାଗାର ରକ୍ଷକ ସପରିବାରେ ବାପ୍ତିଜିତ ହୋଇଥିଲେ ବୋଲି

ଲିଖିତ ହୋଇଅଛି । ମନେହୁଏ, ଲୂଦିଆ ସପରିବାର ନଦୀକୂଳରେ ପ୍ରାର୍ଥନା ସ୍ଥଳକୁ ଯାଉଥିଲେ । ପରମେଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କରିବା ବେଳେ, ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଶୀର୍ବାଦ କରନ୍ତି । ଆମ୍ଭମାନଙ୍କ ଜୀବନର ସୁଖଦୁଃଖ ଆମ୍ଭମାନଙ୍କ ପାରିବାରିକ ସମ୍ବନ୍ଧ ଉପରେ ଅଳ୍ପ ବହୁତ ନିର୍ଭର କରେ । ସଦାପ୍ରଭୁ ଇଶ୍ରାଏଲ୍ ସନ୍ତାନମାନଙ୍କୁ କହିଥିଲେ,"ପୁଣି ସେହି ସ୍ଥାନରେ ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ସମ୍ମୁଖରେ ଭୋଜନ କରିବ ଓ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଯେଉଁ ଯେଉଁ ବିଷୟରେ ତୁମ୍ଭେମାନେ ହାତ ଦେବ, ତହିଁରେ ତୁମ୍ଭେମାନେ ଓ ତୁମ୍ଭମାନଙ୍କ ପରିବାର ଆନନ୍ଦ କରିବ ।" (ଦ୍ୱି.ବ. ୧୨:୭) ।

ଲୂଦିଆ ଆପଣା ପରିବାରବର୍ଗର ଉତ୍ତମ ଭାବେ ଯତ୍ନ ଓ ଶିକ୍ଷା ଦେଉଥିବାରୁ, ଲୂଦିଆଙ୍କ ସହିତ ତାହାଙ୍କ ପରିବାରର ସମସ୍ତେ ବାପ୍ତିଜିତ ହୋଇଥିଲେ । ସଦାପ୍ରଭୁ ପରମେଶ୍ୱର ଇଶ୍ରାଏଲ୍‌ମାନଙ୍କୁ କହିଥିଲେ,"ଏଥି ନିମନ୍ତେ ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ ଓ ସମସ୍ତ ଶକ୍ତି ସହିତ ତୁମ୍ଭ ପରମେଶ୍ୱରଙ୍କୁ ପ୍ରେମ କରିବ ......ଆଉ ତୁମ୍ଭେ ଆପଣା ସନ୍ତାନଗଣଙ୍କୁ ଯତ୍ନପୂର୍ବକ ତାହା ଶିଖାଇବ ଓ ତୁମ୍ଭେ ଆପଣା ଗୃହରେ ବସିବା ବେଳେ ଓ ତୁମ୍ଭେ ପଥରେ ଚାଲିବା ବେଳେ ଓ ତୁମ୍ଭେ ଶୟନ କରିବା ବେଳେ ଓ ତୁମ୍ଭେ ଉଠିବା ବେଳେ, ସେମାନଙ୍କ ବିଷୟରେ କଥାବାର୍ତ୍ତା କରିବ । (୨ୟ ବିବରଣ ୬:୫-୭ ଓ ୧୧:୧୮-୧୯) । ଆମ୍ଭେମାନେ ଆମ୍ଭମାନଙ୍କ ସନ୍ତାନମାନଙ୍କୁ ସଦାପ୍ରଭୁଙ୍କ ବିଷୟରେ, ଉତ୍ତମ ବ୍ୟବହାର, ଉତ୍ତମ ଅଭ୍ୟାସ ଶିକ୍ଷା ଦେଉ । ପିତାମାତାଙ୍କ ଉତ୍ତମ ଅନୁଶାସନ ଦ୍ୱାରା ସନ୍ତାନମାନେ ଉତ୍ତମ ବ୍ୟକ୍ତି ରୂପେ ଗଢ଼ାଯାନ୍ତି । ପରମେଶ୍ୱରଙ୍କ ରାଜ୍ୟ ଓ ନୀତି (ବାକ୍ୟ)କୁ ଜୀବନର ସର୍ବପ୍ରଥମ ସ୍ଥାନ ଦେବା ନିମନ୍ତେ ସେମାନଙ୍କୁ ଅନୁକ୍ଷଣେ ଉତ୍ସାହିତ କରୁ । ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ । ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବେ ନାହିଁ ।

ସେ ପାଉଲ ଓ ତାହାଙ୍କ ସଙ୍ଗୀମାନଙ୍କୁ କହିଲେ,"......ଆପଣମାନେ ଯଦି ମୋତେ ପ୍ରଭୁଙ୍କ ନିକଟରେ ବିଶ୍ୱସ୍ତ ବିଚାର କରିଥାଆନ୍ତି, ତେବେ ମୋର ଗୃହକୁ ଆସି ବାସ କରନ୍ତୁ, ସେ ଆମ୍ଭମାନଙ୍କୁ ବଳାଇଲେ ।" (ପ୍ରେରିତ ୧୬:୧୫) । ସେମାନେ ତାହାଙ୍କ ଆତିଥ୍ୟ ସ୍ୱୀକାର କରିଥିଲେ, କାରଣ ସେମାନେ ତାହାଙ୍କୁ ପ୍ରଭୁଙ୍କ ଠାରେ 'ବିଶ୍ୱସ୍ତା' ରୂପେ ମନେ କରିଥିଲେ । ତତ୍‌ଫଳେ ଫିଲିପ୍‌ପୀ ନଗରରେ ଏକ ସୁଦୃଢ଼ ମଣ୍ଡଳୀ ସ୍ଥାପନ ହୋଇଥିଲା । କାରାଗାର ରକ୍ଷକ ସପରିବାରେ ବାପ୍ତିଜିତ ହୋଇ

ମଣ୍ଡଳୀରେ ସଂଯୁକ୍ତ ହୋଇଥିଲେ । (ପ୍ରେରିତ ୧୬:୩୩) । ଲୂଦିଆଙ୍କ ଗୃହ ଭାଇମାନଙ୍କ ସହ ସାକ୍ଷାତ କରିବାର ସ୍ଥାନ ଥିଲା । (ପ୍ରେରିତ ୧୬:୪୦)

ଲୂଦିଆ ଆପଣା ଗୃହରେ ପ୍ରେରିତ ପାଉଲ ଓ ତାହାଙ୍କ ସଙ୍ଗୀମାନଙ୍କୁ ଆତିଥ୍ୟ ଦେଇଥିବାରୁ, ମାକଦନିଆ ଅଞ୍ଚଳରେ ଫିଲପ୍‌ପୀ ସହରରେ ପ୍ରଭୁଙ୍କ ବାକ୍ୟ ସବଳେ ପ୍ରଚାରିତ ହୋଇଥିଲା । ପାଉଲ ମଣ୍ଡଳୀମାନଙ୍କୁ ଲେଖିଥିବା ପ୍ରତ୍ୟେକ ପତ୍ରିକାରେ ସଭ୍ୟମାନଙ୍କ କୌଣସି ନା କୌଣସି ବିଷୟରେ ନିନ୍ଦା କରନ୍ତି, କିନ୍ତୁ ଫିଲିପୀୟ ମଣ୍ଡଳୀ ତାହାଙ୍କ ପ୍ରଶଂସା ପାଇଥିଲା । (ଫିଲିପ ୪:୧୫-୧୯) । ଏବ୍ରୀ ପୁସ୍ତକ ଲେଖକ ଲେଖନ୍ତି,"ଆତିଥ୍ୟସତ୍କାର ନ ପାସୋର, ଯେଣୁ ତଦ୍ୱାରା କେହି କେହି ଅଜ୍ଞାତସାରରେ ଦୂତମାନଙ୍କୁ ଆତିଥ୍ୟ କରିଅଛନ୍ତି ।" (ଏବ୍ରୀ ୧୩:୨) "କୁଣ୍ଠିତ ନ ହୋଇ, ପରସ୍ପରର ଆତିଥ୍ୟ କର ।" (୧ମ ପିତର ୪:୯) । ଅବ୍ରାହାମ ଓ ଲୋଟ ଦୂତମାନଙ୍କୁ ଆତିଥ୍ୟ ଦେଇଥିଲେ । ଆତିଥ୍ୟ ଦେବାର ପୁରସ୍କାର ବହୁଳ । (ମାଥିଉ ୨୫:୩୧-୪୬, ମାଥିଉ ୧୦:୪୨) ।

ବିଶ୍ୱସ୍ତା ସ୍ତ୍ରୀ ଲୂଦିଆ, ନିୟମିତ ଭାବେ ପ୍ରାର୍ଥନା ସ୍ଥଳକୁ ଯିବାରେ, ଆସକ୍ତ ଭାବେ ପ୍ରଭୁଙ୍କ ବାକ୍ୟ ଶୁଣିବାରେ, ଆପଣା ପରିବାରକୁ ଅନୁଶାସନ କରିବାରେ ଓ ଆତିଥ୍ୟ ଦେବାରେ ଆମ୍ଭମାନଙ୍କର ଆଦର୍ଶ ଅଟନ୍ତି । ତାହାଙ୍କ ଆଦର୍ଶ ଅନୁସରଣ କଲେ ଆମ୍ଭେମାନେ ବିଶ୍ୱସ୍ତ ଜୀବନଯାପନ କରିପାରିବା ।

***- Kabita Gootam***

❋❋❋


Hear **"SATYAVANI"** in ORIYA

A Radio Programme presented by

Churches of Christ on **Radio Srilanka**

**Every Sunday at 6.45 a.m.**

*Do not miss this great opportunity.*

*Tell others !*

# ଅବାଧ୍ୟତାର ଫଳ
## (A Defeat Because of Sin)

ସୈନ୍ୟାଧିପତି ସଦାପ୍ରଭୁ ଅବ୍ରାହାମଙ୍କୁ କରିଥିବା ପ୍ରତିଜ୍ଞାନୁଯାୟୀ ଆପଣା ବାହୁବଳ ଦ୍ୱାରା ଇଶ୍ରାୟେଲ ଜାତିକୁ ମିଶରର ଦାସତ୍ୱରୁ ମୁକ୍ତ କଲେ । ମୋଶାଙ୍କ ମୃତ୍ୟୁ ପରେ ଇଶ୍ରାୟେଲର ନେତୃତ୍ୱର ଭାର ଯିହୋଶୂୟଙ୍କ ସ୍କନ୍ଧରେ ପଡ଼ିଲା । ଈଶ୍ୱରଙ୍କ ଯୋଜନାନୁଯାୟୀ ଯିରୀହୋ ନଗର ଇଶ୍ରାୟେଲ ମାନଙ୍କ ହସ୍ତଗତ ହେଲା । ରାହବ ବେଶ୍ୟା ଓ ତାହାଙ୍କ ପରିବାର ବ୍ୟତୀତ ନଗରର ପ୍ରତ୍ୟେକ ପ୍ରାଣୀ ଇଶ୍ରାୟେଲମାନଙ୍କ ଖଡ୍‌ଗଧାରର ଶୀକାର ହେଲେ । ନଗରର ସମସ୍ତ ରୂପା, ସୁନା, ପିତ୍ତଳ ଓ ଲୁହାର ପାତ୍ର ସଦାପ୍ରଭୁଙ୍କ ଭଣ୍ଡାରରେ ସଞ୍ଚୟ କରିବା ନିମନ୍ତେ ସଦାପ୍ରଭୁ ଆଜ୍ଞା ଦେଇଥିଲେ । (ଯିହୋଶୂୟ ୬:୧୭-୧୯) । ଈଶ୍ୱରଙ୍କ ସହିତ ମନୁଷ୍ୟର ପ୍ରତ୍ୟେକ ନୂତନ ସମ୍ବନ୍ଧର ଆରମ୍ଭରେ, ଶୟତାନ ମନୁଷ୍ୟକୁ ପଥଭ୍ରଷ୍ଟ କରିବାରେ ଚେଷ୍ଟା କରେ ବୋଲି ଲେଖକ Lesile G. Thamas ଆପଣା ପୁସ୍ତକରେ ମତ ପ୍ରକାଶ କରିଅଛନ୍ତି । ଉଦାହରଣ ସ୍ୱରୂପ - ଆଦିମାତା ହବାଙ୍କୁ ଶୟତାନ ଏଦନ ଉଦ୍ୟାନରେ ପ୍ରଲୋଭିତ କରିଥିଲା । ସଦାପ୍ରଭୁଙ୍କୁ ମନୁଷ୍ୟ ଉପାସନା କରିବାର ପ୍ରାଥମିକ ବେଳାରେ କୟିନ ଶୟତାନର ଛଳନାର ଶୀକାର ହୋଇଥିଲେ । ମୋଶାଙ୍କ ବ୍ୟବସ୍ଥା ପାଳନର ପ୍ରାରମ୍ଭ ସମୟରେ ନାଦବ ଓ ଅବୀହୂ ଅବାଧ୍ୟତା ଯୋଗୁଁ ଯଜ୍ଞ ବେଦୀ ସମ୍ମୁଖରେ ଅଗ୍ନି ଗ୍ରାସରେ ମୃତ୍ୟୁ ଭୋଗିଲେ । ମଣ୍ଡଳୀ ସ୍ଥାପନର ପ୍ରଥମ ଶତାବ୍ଦୀରେ ଶୟତାନର କପଟତାର ଅନୁସରଣ କରି ହନନୀୟ ଓ ସଫୀରା ଶାପଗ୍ରସ୍ତ ହେଲେ । (ଆଦି ୩:୪, ଲେବୀ ୧୦:୧-୭) ଶୟତାନ ମନୁଷ୍ୟକୁ ପ୍ରଲୋଭିତ କରିଥିଲା ବୋଲି ଉପରୋକ୍ତ ପ୍ରତ୍ୟେକ ଘଟଣାରୁ ବୁଝି ପାରୁଅଛୁ । ପ୍ରତିଜ୍ଞାତ ଦେଶରେ ଇଶ୍ରାୟେଲ ପ୍ରଥମ ପଦାର୍ପଣ କରିଥିବା ନଗରରେ ମଧ୍ୟ ଶୟତାନ ମନୁଷ୍ୟକୁ ପାପରେ ପକାଇବା ନିମନ୍ତେ ଆପଣା ପୁରାତନ ଅସ୍ତ୍ର ବ୍ୟବହାର କରିଥିଲା । ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ରୀକୃତ ବସ୍ତୁଗୁଡ଼ିକ ଦ୍ୱାରା ଶୟତାନର ପ୍ରଲୋଭନ ନାମକ ଅସ୍ତ୍ର ଇଶ୍ରାୟେଲ ଛାଉଣୀକୁ ପ୍ରବେଶ କରିଥିଲା ।

ଯିହୁଦା ବଂଶୀୟ ସେରହର ପ୍ରପୌତ୍ର, ସବ୍ଦିର ପୁତ୍ର ଆଖନ ବର୍ଜିତ ବସ୍ତୁ ବିଷୟରେ ସଦାପ୍ରଭୁଙ୍କ ଦତ୍ତ ଆଜ୍ଞାଲଂଘନ କଲା । ଏହି ଆଖନର ନାମ, ୧ମ ବଂଶାବଳୀ, ୨:୭ରେ ଆଖର ବୋଲି କୁହାଯାଇଅଛି । ଯାହାର ଅର୍ଥ ଦୁଃଖଦାୟକ । ଈଶ୍ୱରଙ୍କ

ଆଜ୍ଞାଲଂଘନ କରି ଆଖନ ସମୁଦାୟ ଇଶ୍ରାୟେଲ ଜାତି ନିମନ୍ତେ ଦୁଃଖର କାରଣ ହେଲା । ଶରୀରର କୌଣସି ଅଙ୍ଗ କ୍ଷତ ହେଲେ ସମସ୍ତ ଶରୀର ଯେପରି କଷ୍ଟ ଅନୁଭବ କରେ, ସେହିପରି ଭାବେ ଆଖନଙ୍କ ଆଜ୍ଞାଲଂଘନ ସମୁଦାୟ ଇଶ୍ରାୟେଲ ଜାତିକୁ କ୍ଲେଶ ଦେଇଥିଲା । ଆଖନଙ୍କ ଆଜ୍ଞାଲଂଘନ ବିଷୟରେ ଯିହୋଶୂୟ ଅଜ୍ଞାତ ଥିବାରୁ ଅୟ ନଗର ଅନୁସନ୍ଧାନ କରିବା ନିମନ୍ତେ ଗୁପ୍ତଚର ପଠାଇଲେ । ଅୟ ନଗରର ଜନସଂଖ୍ୟା ଅଳ୍ପ ଥିବାରୁ ୨,୦୦୦ ବା ୩,୦୦୦ ଲୋକଙ୍କ ଦ୍ୱାରା ନଗର ହସ୍ତଗତ କରି ପାରିବେ ବୋଲି ସେହି ଗୁପ୍ତଚରମାନେ ଆସି ଯିହୋଶୂୟଙ୍କୁ ଜଣାଇଲେ । ଯିରୀହୋ ନଗରର ବିଜୟୀ ଯିହୋଶୂୟ ଦୃଢ଼ ବିଶ୍ୱାସ ଓ ସାହସରେ ଅୟ ନଗର ହସ୍ତଗତ କରିବା ନିମନ୍ତେ ତିନି ସହସ୍ର ଯୋଦ୍ଧାଙ୍କୁ ପଠାଇଲେ । କିନ୍ତୁ ଅୟ ନିବାସୀ ସେମାନଙ୍କ ମଧ୍ୟରୁ ଛତିଶି ଲୋକଙ୍କୁ ଆଘାତ କରି ଇଶ୍ରାୟେଲ ଛାଉଣୀକୁ ଭୟଭୀତ କଲେ ।

ଇଶ୍ରାୟେଲ ସଦାପ୍ରଭୁଙ୍କ ଆଜ୍ଞାଲଂଘନ ହେତୁ ଅୟ ନଗରବାସୀଙ୍କ ଦ୍ୱାରା ପରାଜିତ ହେଲେ । ଯିହୋଶୂୟ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ସମ୍ମୁଖରେ ଅଧୋମୁଖ ହୋଇ ପଡ଼ି ରହି ଆପଣା ମସ୍ତକ ଉପରେ ଧୂଳି ପକାଇ ରୋଦନ କରି କହିଲେ, "ହାୟ, ହାୟ ହେ ପ୍ରଭୋ, ସଦାପ୍ରଭୋ, ତୁମ୍ଭେ ଏହି ଲୋକମାନଙ୍କୁ ଯର୍ଦ୍ଦନ ପାର କରାଇ ଆଣିଲ କାହିଁକି, କି ଆମ୍ଭମାନଙ୍କୁ ଇମୋରୀୟମାନଙ୍କ ହସ୍ତରେ ସମର୍ପଣ କରି ବିନାଶ କରିବାକୁ ? ଆହା, ଯେବେ ଆମ୍ଭେମାନେ ସନ୍ତୁଷ୍ଟ ହୋଇ ଯର୍ଦ୍ଦନ ସେପରି ରହିଥାନ୍ତୁ ! ହେ ପ୍ରଭୋ, ମୁଁ କଅଣ କରିବି, ଇଶ୍ରାୟେଲ ତ ଶତ୍ରୁ ସମ୍ମୁଖରୁ ପିଠି କରି ଆସିଲିଣି । କାରଣ କିଣାନୀୟମାନେ ଓ ଏଦେଶ ନିବାସୀ ସମସ୍ତେ ଶୁଣିବେ, ପୁଣି ଆମ୍ଭମାନଙ୍କୁ ଚାରିଆଡ଼େ ଘେରି ପୃଥିବୀରୁ ଆମ୍ଭମାନଙ୍କ ନାମ ଉଚ୍ଛିନ୍ନ କରିବେ, ତହିଁରେ ତୁମ୍ଭେ ଆପଣା ମହାନାମ ନିମନ୍ତେ କଅଣ କରିବ ? (ଯିହୋଶୂୟ ୭:୭-୯) ।

ସଦାପ୍ରଭୁଙ୍କ ନିୟମ-ସିନ୍ଦୁକ ସମ୍ମୁଖରେ ଯିହୋଶୂୟଙ୍କ ଆର୍ତ୍ତନାଦ ସଦାପ୍ରଭୁ ଶୁଣି ଉତ୍ତର ଦେଇଥିଲେ । ତାହାଙ୍କ ଉତ୍ତରକୁ ଆମେ ତିନି ଭାଗରେ ବିଭକ୍ତ କରିପାରୁ । ସର୍ବପ୍ରଥମେ ତାହାଙ୍କୁ ଅଧୋମୁଖ ନ ହୋଇ ଉଠିବା ନିମନ୍ତେ ସଦାପ୍ରଭୁ ଆଦେଶ ଦେଇଥିଲେ । (୨) ଯିରୀହୋର ଧାତୁ ନିର୍ମିତ ବସ୍ତୁ ବିଷୟ ସଦାପ୍ରଭୁଙ୍କ ଆଜ୍ଞା ଇଶ୍ରାୟେଲ ଲଂଘନ କରି ତାହାଙ୍କ କ୍ରୋଧର ପାତ୍ର ହୋଇଥିଲେ ବୋଲି ସେମାନେ ଜାଣିବା ଆବଶ୍ୟକ ଥିଲା । ସମୟେ ସମୟେ ସଦାପ୍ରଭୁ ଲୁଟ ଦ୍ରବ୍ୟରୁ ଆପଣା

ଆପଣା ନିମନ୍ତେ ନେବା ପାଇଁ ଆଜ୍ଞା କରିଥିଲେ । (୨ୟ ବିବରଣ ୨୦:୧୦-୧୪, ଯିହୋଶୂୟ ୮:୧-୨) । କିନ୍ତୁ ଯିରୀହୋ ନଗରର ସମସ୍ତ ଧାତୁପାତ୍ର ସଦାପ୍ରଭୁଙ୍କ ଭଣ୍ଡାରରେ ସଞ୍ଚୟ କରିବାର ଆଜ୍ଞା ଦିଆଯାଇଥିଲା । (୩) ତୃତୀୟରେ, ଇଶ୍ରାୟେଲ ସମାଜକୁ ପବିତ୍ର କରିବା ନିମନ୍ତେ ସଦାପ୍ରଭୁ ଆଜ୍ଞା ଦେଲେ "ଉଠ, ଲୋକମାନଙ୍କୁ ପବିତ୍ର କର, ଆଉ କୁହ ତୁମ୍ଭେମାନେ କାଲି ପାଇଁ ଆପଣା ଆପଣାକୁ ପବିତ୍ର କର, କାରଣ ସଦାପ୍ରଭୁ ଇଶ୍ରାୟେଲ୍‌ର ପରମେଶ୍ୱର ଏହି କଥା କହନ୍ତି, ହେ ଇଶ୍ରାୟେଲ, ତୁମ୍ଭ ମଧ୍ୟରେ ବର୍ଜିତ ବସ୍ତୁ ଅଛି, ଆପଣା ମଧ୍ୟରୁ ସେହି ବର୍ଜିତ ବସ୍ତୁ ଦୂର କରିବା ଯାଏ ତୁମ୍ଭେମାନେ ଆପଣା ଶତ୍ରୁମାନଙ୍କ ସମ୍ମୁଖରେ ଠିଆହୋଇ ପାରିବ ନାହିଁ ।" (ଯିହୋଶୂୟ ୭:୧୩) ।

ତହିଁ ପରଦିନ ସଦାପ୍ରଭୁଙ୍କ ଆଦେଶାନୁଯାୟୀ ଇଶ୍ରାୟେଲର ପ୍ରତ୍ୟେକ ବଂଶ ତାହାଙ୍କ ଛାମୁକୁ ଅଣାଗଲା । ତହିଁରୁ ଯିହୁଦା ବଂଶଜ, ସେରହ ଗୋଷ୍ଠୀର । ସବ୍ଦି ପରିବାର କର୍ମିର ପୁତ୍ର ଆଖନ୍ ନୀର୍ଣ୍ଣିତ ହେଲା । ଆଖନ୍ ଆପଣା ପାପ ସ୍ୱୀକାର କରି କହିଲା, "ମୁଁ ଲୁଟିତ ଦ୍ରବ୍ୟ ମଧ୍ୟରୁ ଖଣ୍ଡିଏ ବାବିଲୀୟ ବସ୍ତ୍ର ଓ ଦୁଇଶ ଶେକଲ ରୂପା ଓ ପଚାଶ ଶେକଲ ପରିମିତ ଏକ ସୁନା ମୁଣ୍ଡା ଦେଖି ଲୋଭ କରି ତାହା ନେଲି, ଆଉ ଦେଖ ସେସବୁ ମୋ ତମ୍ବୁ ମଧ୍ୟରେ ଭୂମିରେ ପୋତା ଅଛି । ଆଉ ରୂପା ତହିଁ ତଳେ ଅଛି ।" (ଯିହୋଶୂୟ ୭:୨୧) । ସଦାପ୍ରଭୁ ଆଖନ୍‌ର ପାପ ପୂର୍ବରୁ ଜାଣିଥିଲେ, କିନ୍ତୁ ଇଶ୍ରାୟେଲ ସମାଜ ସମ୍ମୁଖରେ ତାହାଙ୍କ ଦ୍ୱାରା ସ୍ୱୀକାର କରାଇଥିଲେ । ଆଖନ୍ ଆପଣା ପାପ ବର୍ଣ୍ଣନା କରି କହିଲେ, "ଦେଖିଲି"..."ଲୋଭ କଲି"... ଓ "ନେଲି" । ପ୍ରେରିତ ଯୋହନ ଶୟତାନର ଏହି ତିନୋଟି ଅସ୍ତ୍ର, ଶାରିରୀକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ ବିଷୟରେ ଆମ୍ଭମାନଙ୍କୁ ଆପଣା ପତ୍ର ମାଧ୍ୟମରେ ସତର୍କ କରନ୍ତି । (୧ମ ଯୋହନ ୨:୧୫-୧୭) । ପାଉଲ ମଧ୍ୟ ୧ମ କରିନ୍ଥୀ ୬:୯-୧୦, କଲସୀ ୩:୫, ଏଫିସୀ ୪:୨୮ ପଦଗୁଡ଼ିକ ଦ୍ୱାରା ପ୍ରତ୍ୟେକ ଯୁଗର ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଶୟତାନର ଏହି ଅସ୍ତ୍ର ବିଷୟରେ ସତର୍କ କରି ଆସୁଅଛନ୍ତି । ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପବିତ୍ର ବସ୍ତୁ ଆଖନ ଲୋଭ କରି ହରଣ କରିଥିବାରୁ ସେ ସୈନ୍ୟାଧିପତି ସଦାପ୍ରଭୁଙ୍କ ସମ୍ପଦ ଲୁଟି ସମୁଦାୟ ଇଶ୍ରାୟେଲର ଦୁଃଖର କାରଣ ହୋଇଥିଲା ।

ଦ୍ୱିତୀୟ ବିବରଣ ୨୪:୧୬ ପଦରେ ସନ୍ତାନମାନଙ୍କ ପାଇଁ ପିତୃଗଣର ପ୍ରାଣଦଣ୍ଡ ହେବ ନାହିଁ, କିଅବା ପିତୃଗଣ ପାଇଁ ସନ୍ତନମାନଙ୍କର ପ୍ରାଣଦଣ୍ଡ ହେବ ନାହିଁ ବୋଲି ଲେଖାଯାଇଅଛି । ଆଖନଙ୍କ ସନ୍ତାନମାନେ ତାହାଙ୍କ ପାପର ସହଭାଗୀ ହୋଇଥିଲେ ସେମାନେ ମଧ୍ୟ ମୃତ୍ୟୁ ଯୋଗ୍ୟ । ୨୫ ପଦରେ ''ଇଶ୍ରାୟେଲ 'ତାହାକୁ' ପ୍ରସ୍ତରାଘାତ କରି ବଧ କଲେ, ପୁଣି ସେମାନେ ସେସବୁ ଅଗ୍ନିରେ ଦଗ୍ଧ କରି ପ୍ରସ୍ତରରେ ପୋତି ପକାଇଲେ ।'' ବୋଲି ଲେଖାଯାଏ । ଏଠାରେ 'ସେସବୁ'ର ଅର୍ଥ ଲୁଟିତ ବସ୍ତୁଗୁଡ଼ିକ ବୋଲି ମଧ୍ୟ ଭାବ ପ୍ରକାଶ କରେ । ସେ ଯା'ହେଉ ଆଖନଙ୍କ ପାପ ନିମନ୍ତେ ସମସ୍ତ ଇଶ୍ରାୟେଲ ସମାଜ ଦୁଃଖ ପାଇଲେ । ତା' ସଙ୍ଗେ ସଙ୍ଗେ ସଦାପ୍ରଭୁଙ୍କ ଆଜ୍ଞାନୁଯାୟୀ ସମସ୍ତ ସମାଜ ତାହାଙ୍କୁ ପ୍ରସ୍ତରାଘାତରେ ଦଣ୍ଡ ଦେଲେ । ଏହିପରି ଭାବେ ଇଶ୍ରାୟେଲ ସମାଜ ମଧ୍ୟରୁ ପାପ ଦୂରୀକୃତ ହୋଇ ସେମାନେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୁନର୍ବାର ପବିତ୍ରୀକୃତ ହୋଇଥିଲେ ।

***- GARRY C. HAMPTON***

❋❋❋

# ଖ୍ରୀଷ୍ଟଙ୍କ ପ୍ରେରିତମାନେ
## (The Apostles of Christ)

ଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କ ବିଷୟରେ ଆମ୍ଭେମାନେ ବାଇବଲରେ ପଢ଼ିପାରୁ । ପ୍ରେରିତ ପଦ, "LTIOSTEAWS" କୁହାଯାଏ । ଏହା ଗ୍ରୀକ୍ ପଦରୁ ଆନିତ । ପ୍ରେରିତ ଅର୍ଥ ଯାହାକୁ ପଠାଇବା, ପ୍ରେରଣା, ବା ପ୍ରେରିତ କରାଯାଏ ସେହି ବ୍ୟକ୍ତି ଆଉ ମଧ୍ୟ ଏକ ବିଶେଷ କାର୍ଯ୍ୟ ନିମନ୍ତେ ପ୍ରେରିତ କରାଯାଇଥିବା ବ୍ୟକ୍ତି । ସୁସମାଚାର ପ୍ରଚାର କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ବାରଜଣଙ୍କୁ ମନୋନୀତ କଲେ (MK 3:14) ପ୍ରେରିତମାନଙ୍କ ବିଷୟରେ ଆମ୍ଭେମାନେ ବହୁତ ଅବହେଳା କରିଥାଉ । ସେମାନଙ୍କ ବିଷୟରେ ଆମ୍ଭେମାନେ ଯେତିକି ଜ୍ଞାତ ହେବା ଉଚିତ ସେତିକି ଜ୍ଞାତ ହୋଇନାହୁଁ । ଯୀଶୁ ସେମାନଙ୍କୁ ମନୋନୀତ କଲେ । ସେମାନଙ୍କୁ ସେ ଅତି ଜାଗ୍ରତରେ ଉପଦେଶ

ଦେଉଥିଲେ ଏବଂ ସେ ଏହି ଜଗତରେ ସେବାକାର୍ଯ୍ୟ କରିଥିବା ସମୟରେ ସେ, ସେମାନଙ୍କୁ ତାଲିମ ଦେଉଥିଲେ, ସେ ସେମାନଙ୍କର ମୂଢ଼ତା ଓ ଅଳ୍ପ ବିଶ୍ୱାସ ସହ୍ୟ କରିଥିଲେ ଏବଂ ଏହି ଜଗତକୁ ସୁସମାଚାର ପ୍ରଚାର କାର୍ଯ୍ୟ କରିବା ପାଇଁ ସେ ସେମାନଙ୍କୁ ସୁସମାଚାର ପ୍ରଚାର କାର୍ଯ୍ୟ ସମର୍ପିତ କଲେ ବୋଲି ବୁଝିପାରୁ । ସେହି ଦ୍ୱାଦଶ ପ୍ରେରିତମାନଙ୍କର ନାମ ଫିଲିପପ୍, ବାର୍ଥଲମୀ, ଥୋମା, କରଗ୍ରାହୀ ମାଥିଉ, ଆଲଫିଙ୍କ ପୁତ୍ର ଯାକୁବ, ଥଦ୍ଦୀୟ, କିଣାନୀୟ ଶିମୋନ ଏବଂ ଇଷ୍କାରିୟୋତୀୟ ଯିହୂଦା (MK 3:14) ଯେ ଯୀଶୁଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କଲା ।

ସେହି ଦ୍ୱାଦଶ ପ୍ରେରିତମାନେ ସେହିକାଳରେ ଯିହୁଦୀ ଧର୍ମର ଗୁରୁମାନେ ବା ପଣ୍ଡିତ ମାନଙ୍କ ମଧ୍ୟରୁ ନୁହଁନ୍ତି । ସେମାନେ ନିମ୍ନ ଜାତିରୁ ମନୋନୀତ ହୋଇଛନ୍ତି । ମାତ୍ର ସେମାନେ ସାଧାରଣ ଲୋକମାନଙ୍କ ମଧ୍ୟରୁ ଅର୍ଥାତ୍ ଯୀଶୁଙ୍କ ବାକ୍ୟକୁ ଆନନ୍ଦ ସହ ଶ୍ରବଣ କରିବା ସହ ସେମାନେ ଯୀଶୁଙ୍କର ଅନୁଗାମୀ ହୋଇଛନ୍ତି । ସେମାନେ ସାଧାରଣ ଲୋକମାନଙ୍କ ମଧ୍ୟରୁ ମନୋନୀତ ଅଟନ୍ତି । ପଣ୍ଡିତ ନୁହନ୍ତି କିଅବା ସେମାନେ ଅଶିକ୍ଷିତ ନୁହନ୍ତି । ଅତୀବ ଯିହୁଦୀମାନଙ୍କ ସନ୍ତାନମାନଙ୍କୁ ମନ୍ଦିରରେ ଥିବା ପାଠାଗାରରେ ସେହିଦିନମାନଙ୍କରେ ଭାଷା, ବିଦ୍ୟା, ଶିକ୍ଷା ଦିଆଯାଉଥିଲା । ତେଣୁ ଏମାନେ ଅଶିକ୍ଷିତ ନୁହନ୍ତି ।

ସେମାନଙ୍କ ମଧ୍ୟରୁ ପିତର, ଆନ୍ଦ୍ରିୟ, ଯାକୁବ, ଯୋହନ ମତ୍ସ୍ୟଜୀବୀ ଅଟନ୍ତି । ଶିମୋନଙ୍କ ନୌକା ଥିଲା । ଏହି ନୌକା ମଧ୍ୟରେ ଆପଣା ସହିତ କାର୍ଯ୍ୟ କରିବା ନିମନ୍ତେ ସେମାନେ କେତେକ ବେତନଗ୍ରାହୀଙ୍କୁ ରଖୁଥିଲେ ଏହାଦ୍ୱାରା ଏମାନେ ଆର୍ଥିକ ଭାବେ, ବାଣିଜ୍ୟ ଭାବେ ପଛେଇ ଥିବା ବ୍ୟକ୍ତିମାନେ ନୁହନ୍ତି ବୋଲି ଜାଣିପାରୁ । (MK 1:16-20-LK 5:1-19) ଏବଂ ମାଥିଉ ଜଣେ କରଗ୍ରାହୀ ଅର୍ଥାତ୍ କର ଆଦାୟକାରୀ ଥିଲେ (Mtt. 9:9, Lk. 5:27) ପ୍ରେରିତମାନଙ୍କ ଜୀବନୀ ବିଷୟରେ ଆପଣା ଆପଣା ବୃତ୍ତି ବିଷୟରେ ବାଇବଲରେ ଅତି ଅଳ୍ପ ମାତ୍ରାରେ ବର୍ଣ୍ଣିତ ହୋଇଥାଏ । ସେମାନଙ୍କ ବ୍ୟକ୍ତିଗତ ଇତିହାସ ଅପେକ୍ଷା ସେମାନଙ୍କ ସେବାକାର୍ଯ୍ୟକୁ ଜ୍ଞାତ ହେବା ଅତି ଆବଶ୍ୟକ ।

ଶତ୍ରୁ ଘୃଣା କରୁଥିବା ବ୍ୟକ୍ତିଙ୍କ ଠାରୁ ଆଉ କେହି ନଥିବେ ଏବଂ ଆପଣା କର୍ତ୍ତାଙ୍କୁ ସମର୍ପଣ କରିଥିବା ବ୍ୟକ୍ତିର ଜୀବନ କେତେ ଘୃଣାଜନକ, ପ୍ରେରିତମାନଙ୍କ ତାଲିକାରେ ଇଷ୍କାରିୟୋତୀୟ ଯିହୁଦା ନାମ ସର୍ବଦା ଅବଶିଷ୍ଟ ସେମାନଙ୍କ ସହ ମିଶ୍ରିତ ଶକ୍ତି ଥାଇ ଯିହୁଦୀୟମାନଙ୍କ ନିକଟକୁ ପଠାଇ ଦିଆଗଲା । (Mtt 10:4-15) ତାହାଙ୍କୁ ସମର୍ପିତ କରିଥିବା ଇଷ୍କରିୟୋତୀୟ ଯିହୁଦା ବୋଲି ମାଥିଉ, ମାର୍କ, ସୁସମାଚାରମାନଙ୍କ ମଧ୍ୟରେ ଦେଖାଯାଏ । ବିଦ୍ରୋହୀ ଇଷ୍କାରିୟୋତୀୟ ଯିହୁଦା ବୋଲି ''ଲୁକ'' ତାହାଙ୍କ ବିଷୟରେ ଲେଖିଲେ । (Lk 6:16) ଶିଷ୍ୟ ସମୂହଙ୍କ ଟଙ୍କା ଥାଳି ତାହାଙ୍କ ନିକଟରେ ଥିଲା, ସେମାନଙ୍କ କାର୍ଯ୍ୟରେ ଆବଶ୍ୟକତା ଖର୍ଚ୍ଚ, ସେମାନଙ୍କ ନିମନ୍ତେ ସେ ବ୍ୟବହାର କରୁଥିଲେ । ସେ ଖ୍ରୀଷ୍ଟଙ୍କ ମିତ୍ର ବୋଲି ଡକାଗଲେ ସୁଦ୍ଧା ସେ ସ୍ୱାର୍ଥପର ଥିଲେ । ଧନ ଓ ଆର୍ଥିକ ଲୋଭୀ ବୋଲି ଜଣା ପଡୁଅଛନ୍ତି । ଯେତେବେଳେ ଯୀଶୁଙ୍କ ପାଦକୁ ମରିୟମ ଦଶମାଂସ ତୈଳ ସହିତ ଢ଼ାଳି ଦେଇଥିଲେ, ତାହା ସେ ସମର୍ଥ କଲେ ନାହିଁ । ସେ କହିଲେ,''ଏହି ତୈଳ ତେରଶ ଟଙ୍କାରେ ବିକ୍ରୟ କରାଯାଇ କାହିଁକି ଦରିଦ୍ରମାନଙ୍କୁ ଦିଆ ନ ଗଲା ? ସେ ଯେ ଦରିଦ୍ରମାନଙ୍କ ନିମନ୍ତେ ଚିନ୍ତା କରୁଥିଲା ବୋଲି ଏହା କହିଲା, ତାହା ନୁହେଁ କିନ୍ତୁ ସେ ଜଣେ ଚୋର, ଆଉ ତାହା ନିକଟରେ ଟଙ୍କା ଥଳୀ ଥିବାରୁ ସେଥିରେ ଯାହା ଯାହା ରଖାଯାଉଥିଲା, ତାହା ସେ ଚୋରୀ କରି ନେଇ ଯାଇଥିଲା । (Jn 12:1-6) ଇଷ୍କରିତୋୟ ଯିହୁଦା ଦ୍ୱାଦଶ ପ୍ରେରିତମାନଙ୍କ ମଧ୍ୟରୁ ସମଷ୍ଟିତ ହୋଇଥିଲେ । ତାହା ହିଁ ନୁହେଁ । ମାତ୍ର ଏହି ସେବାପଦରେ ଅଂଶପ୍ରାପ୍ତ ହୋଇଥିଲା (Act 1:17) ଇଷ୍କାରିୟୋତୀୟ ଯିହୁଦାଙ୍କ ମଧ୍ୟକୁ ଶୟତାନ ପ୍ରବେଶ କଲା (Jn. 13:26) ଟଙ୍କା ନିମନ୍ତେ ସେ ପ୍ରଭୁଙ୍କୁ ସମର୍ପିତ କଲା (Matt. 27:15) ତତ୍‌ପରେ ଆପଣାକୁ ଫାଶୀ ଦେଇ ଆପଣା ପ୍ରାଣତ୍ୟାଗ କଲା (Matt. 27:5) ତାହାଙ୍କ ପାପ ବିଷୟରେ କହୁ କହୁ ପିତର କହିଲେ ଯିହୁଦା ବିପଥଗାମୀ ବୋଲି କହିଲେ (Act. 1:24) ।

ଯିହୁଦା ବିପଥଗାମୀ ହୋଇ ହରାଇଥିବା ସେବାକାର୍ଯ୍ୟରେ ଅଂଶୀ ହେବା ନିମନ୍ତେ ମଥିୟ ନାମକ ବ୍ୟକ୍ତି ମନୋନୀତ କରାଗଲା । ଏହା ପ୍ରେରିତ ପ୍ରଥମ ଅଧ୍ୟାୟରେ ଦେଖିପାରୁ (Acts. 1:25) । ପ୍ରେରିତ ପଦ ଗ୍ରହଣ ବ୍ୟକ୍ତି ଖ୍ରୀଷ୍ଟଙ୍କ ପୁନଃରୁଥାନର

ସାକ୍ଷୀ ହୋଇଥିବା ଆବଶ୍ୟକ ବୋଲି ପିତର କହିଲେ (Acts. 1:22) ସେହି ପ୍ରକାର ଯୋଗ୍ୟତା ପୂର୍ଣ୍ଣ ବ୍ୟକ୍ତିମାନେ ଦୁଇଜଣଙ୍କୁ ଅର୍ଥାତ୍ ବର୍ଣ୍ଣବ୍ବା ନାମକ ଯୁଷ୍ଟ, ମଥିଉ ନାମକ ଦୁଇଜଣଙ୍କ ମଧ୍ୟରୁ ମନୋନୀତ ବ୍ୟକ୍ତିଙ୍କୁ ଦେଖାଇଦିଅ ବୋଲି ପ୍ରାର୍ଥନା କରି ଗୁଳିବାଣ୍ଟ କରିବା ଦ୍ୱାରା ମଥିୟ ନାମର ଗୁଳି ଉଠିଲା, ସେଥିରେ ସେ ଏକାଦଶ ପ୍ରେରିତଙ୍କ ସହିତ ଗଣିତ ହେଲେ । (Acts. 1:21-26)

ଏହି ଦ୍ୱାଦଶ ପ୍ରେରିତମାନଙ୍କ ଛଡ଼ା ପ୍ରେରିତ ପାଉଲଙ୍କୁ ମଧ୍ୟ ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ପ୍ରେରିତ ପଦ ଗ୍ରହଣକାରୀ ପ୍ରଭୁଙ୍କୁ ଦେଖିଥିବା ବ୍ୟକ୍ତି ହୋଇଥିବା ଆବଶ୍ୟକ । ପାଉଲ ପ୍ରଭୁଙ୍କୁ ଦେଖିଲେ । ଆମ୍ଭମାନଙ୍କ ପ୍ରଭୁ ଏହି ଜଗତରେ ଥିବା ସମୟରେ ସେ ତାହାଙ୍କ ଦ୍ୱାରା ଶିକ୍ଷା ଓ ଉପଦେଶ ପାଇ ନ ଥିଲେ ସୁଦ୍ଧା, ସେ ପୁନଃରୁଥିତ ପ୍ରଭୁଙ୍କୁ ଦେଖିଲେ । ସେ "ଅବଶେଷରେ ଅକାଳଜାତ ପରି ଜଣେ ଯେ ମୁଁ ସେ ମୋତେ ମଧ୍ୟ ଦର୍ଶନ ଦେଲେ" ବୋଲି (1 Cor. 15:4) ପଦରେ ଲେଖନ୍ତି । ପାଉଲଙ୍କ ପରେ ଯେ କେହି ପ୍ରେରିତମାନେ ଥିଲେ ସେ ସମସ୍ତଙ୍କ ଠାରୁ ଅବଶେଷରେ ତାହାଙ୍କୁ ଦେଖାଯାଇନଥିବେ । ତେଣୁ ଆଜି ଦିନରେ କେତେକ ଆପଣା ମଣ୍ଡଳୀରେ ଲୋକମାନେ ପ୍ରେରିତମାନେ ବୋଲି ଡକାଯିବା ଶାସ୍ତ୍ରର ବିରୁଦ୍ଧଜନକ ବିଷୟ ଅଟେ । ଅକାଳ ଜାତ ଯେ ମୁଁ ବୋଲି ଜଣାଇ ଥିବାରୁ ସାମାନ୍ୟ ଭାବେ ସମସ୍ତଙ୍କୁ ପରି ଜଣେ ପ୍ରେରିତ ବୋଲି ସାକ୍ଷ୍ୟ ଦେଉଅଛନ୍ତି । ପ୍ରଭୁ ମୃତ୍ୟୁ ହୋଇ ସେହି ଅଳ୍ପ ବର୍ଷମାନଙ୍କ ମଧ୍ୟରେ ସେ ଜାତ ବୋଲି ଜାଣିବା ଦ୍ୱାରା ପ୍ରଭୁ ମୃତ୍ୟୁ ହୋଇ ଦୁଇହଜାର ବର୍ଷ ପରେ ଆପଣାକୁ ପ୍ରେରିତ ବୋଲି କହୁଥିବାମାନଙ୍କ ବିଷୟ କ'ଣ ? ସେ ପ୍ରକାର ଲୋକ ଚୋର ପ୍ରେରିତମାନେ ହୋଇଥିବେ ନା ? ଦମ୍ମେଶକକୁ ଯାଇଥିବା ସମୟରେ ପ୍ରଭୁ ପାଉଲଙ୍କୁ ଦେଖାଦେଲେ । ଆଉ ତୁମ୍ଭେ ଆମ୍ଭର ଯେଉଁ ଯେଉଁ ଦର୍ଶନ ପାଇଅଛ ଓ ପାଇବ ସେହି ସମସ୍ତ ବିଷୟରେ ସାକ୍ଷୀ ସ୍ୱରୂପେ ମନୋନୀତ କରିବା ଉଦ୍ଦେଶ୍ୟରେ ତୁମ୍ଭକୁ ଦର୍ଶନ ଦେଇଅଛୁ (Acts. 26:16) । ପ୍ରେରିତ ପଦକୁ ପାଉଲଙ୍କୁ କୌଣସି ମନୁଷ୍ୟ ଆହ୍ୱାନ କରିନାହାନ୍ତି । ମାତ୍ର ପ୍ରଭୁ ସ୍ୱୟଂ ଆହ୍ୱାନ କଲେ । "ମୁଁ ପାଉଲ ଜଣେ ପ୍ରେରିତ ମନୁଷ୍ୟ ଠାରୁ ନୁହେଁ କି ମନୁଷ୍ୟ ଦ୍ୱାରା ନୁହେଁ କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଏବଂ ସେହି ପିତା ଈଶ୍ୱର ତାହାଙ୍କୁ ମନୋନୀତ ମଧ୍ୟରେ ଉଠାଇଲେ ତାହାଙ୍କ

ଦ୍ୱାରା ବୋଲି ସେ ଆପଣାକୁ ଗାଲାତୀୟ ମାନଙ୍କୁ ପରିଚୟ ଦେଲେ (Gal. 1:1)। ଅବଶିଷ୍ଟାଂଶ ପ୍ରେରିତମାନଙ୍କ ପରି ଈଶ୍ୱରଙ୍କ ସାହାଯ୍ୟ ଦ୍ୱାରା ସୁସମାଚାର ପାଇଲେ। ଯେଉଁ ସୁସମାଚାର ମୋ ଦ୍ୱାରା ପ୍ରଚାରିତ ହୋଇଅଛି। .....ତେଣୁ ମୁଁ ତାହା ମନୁଷ୍ୟ ଠାରୁ ପାଇନାହିଁ କିଅବା ଶିକ୍ଷା କରିନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶ ଦ୍ୱାରା ପାଇଅଛି (Gal. 1:12) ଅବଶିଷ୍ଟାଂଶ ପ୍ରେରିତମାନେ ତାହାଙ୍କୁ କିଛି ହିଁ ଶିକ୍ଷା ଦେଇନାହାନ୍ତି (Gal. 2:16) ସେ ବିଜାତୀୟମାନଙ୍କୁ ସୁସମାଚାର ପ୍ରଚାର କରିବା ନିମନ୍ତେ ମୁଖ୍ୟତଃ ଆହ୍ୱାନିତ ଅଟନ୍ତି। (Gal 2:7-୨) ପ୍ରେରିତମାନେ ସର୍ବଜଗତକୁ ଯାଇ ସର୍ବସୃଷ୍ଟିକୁ ସୁସମାଚାର ପ୍ରଚାର କରିବା ନିମନ୍ତେ ମନୋନୀତ ଅଟନ୍ତି। ସେମାନେ ଶିକ୍ଷା ଦେଇଥିବା ଖ୍ରୀଷ୍ଟଙ୍କ ସମାଚାର ଅଟେ। ସେହି ସୁସମାଚାରକୁ ବିଶ୍ୱାସ କରି ଯେ ବାପ୍ତିସ୍ମ ଗ୍ରହଣ କରିଥିବା ବ୍ୟକ୍ତି ପରିତ୍ରାଣ ପାଇଥାଏ। ଯେ ବିଶ୍ୱାସ ନ କରେ ସେ ଦଣ୍ଡର ପାତ୍ର ବୋଲି ଯୀଶୁଖ୍ରୀଷ୍ଟ କହିଲେ। ତୁମ୍ଭେ ସମୁଦାୟ ଜଗତକୁ ଯାଇ ସୁସମାଚାରକୁ ପ୍ରଚାର କର ବୋଲି ଯୀଶୁ ଆଜ୍ଞା ଦେଇଥିଲେ। ସେହି ସୁସମାଚାରର ଆପଣ ବଶୀଭୂତ କି ?

***- MASIA GOMANGO***

❋❋❋

ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**"ସତ୍ୟବାଣୀ"**

ରେଡ଼ିଓ କାର୍ଯ୍ୟକ୍ରମ **Radio Srilanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର**

**ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ।*

**Edited & Published by : Kabita & Joshua Gootam**

## *SOME THINGS THAT GOD CAN DO*

**INTRODUCTION**

1. Have you ever thought about what God can do ?
2. We must understand that God is all powerful.
3. To think on this subject should help us all.

**DISCUSSION :**

**A. God Can See.(Jonah 3:10).**

1. Has the power to see all.
2. He knows our very works.
3. He also knows our hearts.

**B. God Can Hear (1John 5:14).**

1. He Will not speak in an audible way.
2. He will hear the Christian's prayer.

**C. God Can Speak (Heb. 1:1, 2).**

1. He does not speak in an audible way.
2. He does not speak in a miraculous way.
3. He speaks through his Son.
4. He speaks through the word.

**D. God Can Feel (Heb. 4:15).**

1. Christ could feel for us
2. God can do likewise.
3. He knows our needs, etc.

**E. God Can Love (John 3:16).**

1. He gave his Son to prove it.
2. He is love.
3. He commends his love toward us.

**F. God Can Hate (Ps. 5:5).**

1. He hates all sin.
2. He hates those who do iniquity.

**G. God Can Make A Way Of Escape (1Cor. 10:13).**

1. He can deliver one from temptation.
2. He can help one remain faithful.

**H. God Can Save (Eph. 2:8,9).**

1. He presented the scheme of redemption.
2. It takes the grace of God to save.

**I. God Can Bless (Eph. 1:3).**

1. He can bless materially speaking.
2. He can bless in a spiritual manner.

**J. God Can Give Hope (Tit. 1:2).**

1. He will raise all from the dead.
2. He has promised eternal life.

**CONCLUSION:**

1. God can do all of these things and many others.
2. Such should strengthen the faith of all.
3. Remember to put God first lest one day you regret it.

***-J.C. Choate.***

Printed Book Only

From:

SATYA VANI

**P.O. Box 80,**

**Kakinada - 533 001**

**To**

(FOR PRIVATE CIRCULATION ONLY)